ସମ୍ବାଦ

# କବିତା ପାଠ, ଆଲୋଚନାଚକ୍ର



କୁଜଙ୍ଗ, ୨୭।୭ (ଇମିସ): କେନ୍ଦ୍ର ସାହିତ୍ୟ ଏକାଡେମି ଓ ସାହିତ୍ୟ ସଂସ୍କୃତି ଶିକ୍ଷା ଅନୁଷ୍ଠାନ 'ମେଘମଲ୍ଲାର' ମିଳିତ ଆନୁକୂଲ୍ୟରେ କୁଜଙ୍ଗ ବ୍ଲକ୍ ଜଗତ୍ପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାଗୃହରେ ଓଡ଼ିଆ କବିତା ପାଠ, ଆଲୋଚନାଚକ୍ର 'ଗ୍ରାମାଲୋକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।
ମେଘମଲ୍ଲାର ସଭାପତି କେଶବ ଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୬ଜଣ ନିମନ୍ତ୍ରିତ ସାହିତ୍ୟିକ ଗଳ୍ପ, କବିତା ପାଠ କରିଥିଲେ। ସନ୍ତୋଷ ସାମଲ 'ଛୋଟ ସାଇଙ୍କ ଚାହାଳୀ', ଦୀପ୍ତି ଖୁଣ୍ଟିଆଳ 'ଏତଲାକାରୀ', ରଘୁନାଥ ସାହୁ 'ଆଇନା', ପୀତାମ୍ବର ତରାଇ 'ରାମଚନ୍ଦ୍ର ମହାନ୍ତିଙ୍କ ରଚନା ସମଗ୍ର' ଆଲୋଚନା, ପ୍ରଭାତୀ ମାଝୀ 'ଅଳକା ସାନ୍ୟାଲ' କବିତା ଓ କେଶବ ଚନ୍ଦ୍ର ଦଳାଇ 'ଓଡ଼ିଆ କାମ୍ୟ କବିତାରେ ମାନବବାଦ' ପ୍ରବନ୍ଧ ପାଠ କରିଥିଲେ। ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ମାତୃ ବନ୍ଦନା ଗାନ କରିଥିଲେ। ବିଭୂତି ଭୂଷଣ ଦାସ ସ୍ୱାଗତ ଭାଷଣ ଓ ବିଜୟ କୁମାର ଖଟେଇ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଲେଖକ,କବି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବି ପ୍ରକାଶ ଦାସଙ୍କ ଅଧ୍ୟକ୍ଷତା ଓ ପ୍ରଭାତୀ ମାଝୀଙ୍କ ସଂଯୋଜନାରେ ମୃତ୍ୟୁଞ୍ଜୟ ଜୟସିଂହ, ରମେଶ ବେହେରା, ଜୟନ୍ତୀ କୁମାରୀ ଦାସ, ଅଞ୍ଜନା ନାୟକ, ଗୌରହରି ବାରିକ, ଆଶିଷ ପରିଡା, ନାରାୟଣ ନାୟକ, ଜଗରାମ ସାହାଣୀ, ମାନଗୋବିନ୍ଦ ପ୍ରଧାନ, କନକଲତା ବାରିକ, ରବୀନ୍ଦ୍ରନାଥ ଚୌଧୁରୀ, ସରୋଜିନୀ ମିଶ୍ର, ମମତା ସାହୁ, ଶୁଭେନ୍ଦୁ ଚୌଧୁରୀ, ଗୀତା ଦାସ, ରବୀନ୍ଦ୍ର ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସସ୍ମିତା ନାୟକ ସୁଗମ ସଙ୍ଗୀତ ଗାନ କରିଥିଲେ।